# Akashvani, Sambalpur

## SAMBALPURI NEWS BULLETIN

### 18 May 2024- 6.47- 6.52 am.

***********************************************

ରାଜ୍ୟ ୨ ନମ୍ବର୍ ଖେପ୍ ଭୋଟ୍      ଆର୍ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୨୦ ତାରିଖ୍ ଦିନ ହେବାର୍‌କେ ଥିବା ୨ ନମ୍ବର୍ ଖେପ୍ ଭୋଟ୍ ଲାଗି ଆଏଜ୍ ପ୍ରଚାର୍ ଶେଷ୍ ହେଉଛେ । ବଲାଙ୍ଗିର୍, ବର୍‌ଗଡ୍, ସୁନ୍ଦର୍‌ଗଡ୍, ଆସ୍କା ଆର୍ କନ୍ଧମାଲ୍ ଲୋକ୍‌ସଭା ଆସନ୍ ଆଉ ଇତାର୍ ଅଧୀନ୍‌ଥି ଥିବା ୩୫ ଟା ବିଧାନ୍‌ସଭା ଆସନ୍ ଲାଗି ପ୍ରଚାର୍ ଆଏଜ୍ ସଞ୍ଜ୍‌ର ୫ ବଜେ ସର୍‌ବା । ଭୋଟ୍ ଗ୍ରହଣ୍ ଲାଗି ନିୟୋଜିତ ହେଇଥିବା ଅଧିକାରୀ ଆର୍ କର୍ମଚାରୀମାନେ ଆଏଜ୍ ଠାନୁ ମତଦାନ୍ କେନ୍ଦ୍ରମାନ୍‌କେ ଯିବେ । ଇତାର୍‌ସହେତେ ନିର୍ବାଚନ୍ ଯେନ୍ତା ସୁରୁଖୁରୁଥି ହେବା ସେଥିର୍‌ଲାଗି ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଛେ ।

ସେଆଡ଼େ ରାଏଜେ ୪ ନମ୍ବର ଖେପ୍ ନିର୍ବାଚନ୍ ଲାଗି ଆଏଜ୍ ବୈଧ ପ୍ରାର୍ଥୀପତ୍ର ତାଲିକା ବାହାର୍‌ବା । ଇ ଖେପେ ମୟୁର୍‌ଭଞ୍ଜ,

ବାଲେଶ୍ୱର୍, ଜଗତ୍‌ସିଂହପୁର୍, କେନ୍ଦ୍ରାପଡ଼ା, ଭଦ୍ରକ୍ ଆର୍ ଯାଜ୍‌ପୁର୍ ଲୋକ୍‌ସଭା ଆସନ୍ ଆର୍ ଇତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଆଏବା ୧ ତାରିଖ୍ ଦିନ ଭୋଟ୍ ହେବା ।

ମୁଖ୍ୟ ନିର୍ବାଚନ୍ ଅଧିକାରୀ-ଆଲୋଚନା

ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଶାନ୍ତିଶୃଙ୍ଖଲା ରକ୍ଷା ଲାଗି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସ୍ୱିକୃତୀ ପ୍ରାପ୍ତ ରାଜନୈତିକ୍ ଦଲ୍ ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । କେନ୍‌ସି ପରିସ୍ଥିତିଥି ଭିଲ୍ ହିଂସାକେ ବର୍‌ଦାସ୍ତ୍ ନାଇଁ କରାଯାଏ ବଲି ଶ୍ରୀ ଧଳ କହିଛନ୍ । ୪ ନମ୍ବର୍ ଖେପେ ହେଇଥିବା କଲାହାଣ୍ଡି, କୋରାପୁଟ୍, ନବରଙ୍ଗ୍‌ପୁର୍ ଆର୍ ବ୍ରହ୍ମପୁର୍ ସଂସଦୀୟ କ୍ଷେତ୍ର ଆର୍ ଇତାର୍ ଅଧୀନ୍‌ଥି ଥିବା ୨୮ ଟା ବିଧାନ୍‌ସଭା କ୍ଷେତ୍ର ନ ହେଇଥିବା ଭୋଟ୍‌ଥି ମତଦାନ୍ ହାର ୭୫ ଦଶ୍‌ମିକ୍ ୬/୮ ପ୍ରତିଶତ୍ ହେଇଥିବାର୍‌ନୁ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଖୁସି ଜାହିର୍ କରିଥିଲେ । ସ୍ୱାଭିମାନ୍ ଅଂଚଲ୍‌ନୁ ନେଇକରି ଭିନ୍ ଭିନ୍ ଇଲାକା ନ ସବୁ ବର୍ଗର୍ ମତଦାତା ଗଣତନ୍ତ୍ରର୍ ମହାପର୍ବଥି ହେଇଥିବାର୍

ସେ ବାବ୍‌ଦେ ସେ ସୂଚ୍‌ନା ଦେଇଥିଲେ । ଶାନ୍ତି ଶୃଙ୍ଖଲା ଆଉ ସୌହାର୍ଦ୍ଧ୍ୟପୂର୍ଣ୍ଣ ବାତାବରଣ୍ ଭିତ୍‌ରେ ଭୋଟ୍‌ଥି ସାମିଲ୍ ହେବାର୍ ଲାଗି ଶ୍ରୀ ଧଳ ସମ୍‌କୁ ଅନୁରୋଧ୍ କରିଛନ୍ ।

ଭୋଟ୍ ପ୍ରଚାର୍        ଆର୍‌ଏନ୍‌ୟୁ /  ସମ୍ବଲପୁର

ବିଜେପି ବରିଷ୍ଠ ନେତା ଆର୍ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍, ସାଂସଦ୍ ହେମାମାଲିନୀ, ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର୍, କେନ୍ଦ୍ରମନ୍ତ୍ରୀ ଉପେନ୍ଦ୍ର ଯାଦବ୍ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବିଜେପି ପ୍ରାର୍ଥୀମାନ୍‌କର୍ ଲାଗି ଭୋଟ୍ ପ୍ରଚାର୍ କର୍‌ବେ । ସାଂସଦ୍ ହେମାମାଲିନୀ ଆଏଜ୍ ସାଢ଼େ ୧୦ ବଜେ ଦେବ୍‌ଗଡ଼୍ ଠାନେ ଆଉ ଦିନର୍ ୧୧ ବାଜିକରି ୪୫ ମିନିଟ୍‌ଥି ପାଲ୍‌ଲହଡ଼ା ନ ହେବାର୍‌କେ ଥିବା ସାଧାରଣ ସଭାଥି ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବେ । କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ୍ ଆଏଜ୍  ସଖାଲର୍ ୯ ବାଜିକରି ୪୫ ମିନିଟ୍ ନ କଂଟାବାଞ୍ଜି ନ ବିଜେପି ପ୍ରାର୍ଥୀଙ୍କର୍ ଲାଗି ଭୋଟ୍ ପ୍ରଚାର୍ କର୍‌ବେ । ରାଜ୍ୟ ନିର୍ବାଚନ୍ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର୍ ସକାଲ୍‌ବେଲା ସାଢ଼େ ୧୦ ବଜେ ବ୍ରଜରାଜ୍‌ନଗର୍ ଆର୍ ସାଢ଼େ

୧୨ ବଜେ ଝାରସୁଗୁଡ଼ା ନ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍ବେ ।

ପ୍ରଧାନ୍ମନ୍ତ୍ରୀଙ୍କର୍ ଗସ୍ତ ଆର୍ଏନ୍ୟୁ/ କଟକ୍

ବିଜେପିର ବରିଷ୍ଠ ନେତା ଆର୍ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ଆଏବା କାଏଲ୍ ପୁହୁଁଚିବେ । ସୋମ୍ବାର୍ ଦିନ ପୁରୀ ଗସ୍ତ ନ ଯାଇକରି ଶ୍ରୀଜୀଉଙ୍କର୍ ଦର୍ଶନ୍ କର୍ବେ । ଇତାର୍ସହେତେ ପ୍ରଧାନ୍ମନ୍ତ୍ରୀ ପୁରୀ ବଡ଼ଦାଣ୍ଡ ନ ଗୁଟେ ରୋଡ୍ ସୋ’ କର୍ବେ । ସେଦିନ ଉପର୍ବେଲା କଟକ୍ଠାନେ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ନିର୍ବାଚନୀ ସଭାଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସ୍ନାତକୋତର୍ ପିଜି ସିଟ୍ ବୃଦ୍ଧି ଆର୍ଏନ୍ୟୁ /ସମ୍ବଲପୁର

ଚଲ୍ତି ଶିକ୍ଷା ବଛର୍ ଲାଗି ରାଏଜର୍ ଶିକ୍ଷାନୁଷ୍ଠାନ୍ମାନ୍କେ ଆଉ ୧ ହଜାର୍ ଶହେ ୩୮ ଟା ପିଜି ସିଟ୍ ବଢ଼ାଯାଇଛେ । ରାଜ୍ୟର୍ ଶହେ ୧୪ ଟା ଉଚ୍ଚଶିକ୍ଷାନୁଷ୍ଠାନ୍ ନ ୨୮ ହଜାର୍ ୯ ଶହ ୫୪ ଟା ସିଟ୍ଥି ନାଁ ଲେଖା ହେବା । ଇଥିର୍ଲାଗି ଆଏଜ୍ଠାନୁ ସାଧାରଣ

ସ୍ନାତକୋତର ପ୍ରବେଶିକା ପରୀକ୍ଷା - ସିପିଇଟି - ୨୦୨୪ ଲାଗି ଅନ୍‌ଲାଇନ୍ ଆବେଦନ୍ ମୁଲ୍ ହେଉଛେ । ଆଏବା ୨୭ ତାରିଖ୍ ଦିନ ଆବେଦନ୍ କର୍‌ବାର୍ ଶେଷ୍ ଦିନ୍ ରହିଛେ । ପ୍ରବେଶିକା ପରୀକ୍ଷା ଜୁଲାଇ ୩ ନୁ ୧୪ ତାରିଖ୍ ଭିତ୍‌ରେ ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ନର୍‌ସିଂନାଥ୍ - ବୈଶାଖ୍ ମେଲା    ବର୍‌ଗଡ୍ ସମ୍ବାଦଦାତା

ବରଗଡ୍ ଜିଲ୍ଲା ପାଇକମାଲ୍ ର ନର୍‌ସିଂନାଥ୍ ନ ପ୍ରସିଦ୍ଧ ବୈଶାଖ୍ ମେଲା ଲାଗି ଆଏଜ୍ ବେଲବୁଡ଼େଁ କଲସ୍ ଯାତ୍ରା ହେବା । ଆଏବା କାଏଲ୍ ସକାଲୁଁ ବିଶ୍ୱଶାନ୍ତି ମହାଯଜ୍ଞ ମୁଲ୍ ହେବା । ଇଥିର୍ ଲାଗି ମନ୍ଦିର ପ୍ରଶାସନ୍ ତରଫୁଁ ସବୁ ପ୍ରକାର ପ୍ରସ୍ତୁତି ସରିଛେ । ଚାଲଧାର୍ ନ ବାଉଁଶ ଦେଇ କରି ଭକ୍ତ ମାନକର ଯିବା ଆସ୍‌ବାର ଲାଗି ଅସ୍ଥାୟୀ ରାସ୍ତା ଆର୍ ମନ୍ଦିର୍ ସାମ୍‌ନା ନ ଯଜ୍ଞ ମଣ୍ଡପ୍ ତିଆର୍ ହଇଛେ । ମୀନା ବଜାର୍, ଦୁଲି, ଲେହେଁଟି ସାଙ୍ଗେ ଦୁକାନ୍ ବଜାର୍ ଲାଗଲାନ । ପଦମ୍‌ପୁର ଅତିରିକ୍ତ ଜିଲ୍ଲାପାଲ୍ କୁନାଲ୍ ମୋତିଲାଲ୍ ଚୌହାନ, ମନ୍ଦିର୍ ର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତମ୍ ପ୍ରଧାନ୍ ଆର୍ ମେଲା କମିଟୀର୍ ସଦସ୍ୟମାନେ ବୈଶାଖମେଲା କେନ୍ତା ଶାନ୍ତି ଶୃଂଖଲା ସହେତେଁ ହେବା ସେ ବାବଦ୍ ନ ଆଲୋଚନା କରିଛନ୍ ।

ମୁଖ୍ୟମନ୍ତ୍ରୀ କଲାକାର୍ ସାହାଜ୍ ଯୋଜ୍ନା

ଆର୍ଏନ୍ୟୁ / ସମ୍ବଲପୁର

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍ଫୁ ଦିଆଯାଉଥିବା ମୁଖ୍ୟମନ୍ତ୍ରୀ କଲାକାର୍ ସହାୟତା ଯୋଜ୍ନା ଲାଗି ଆବେଦନ୍ ସମିଆକେ ବଢ଼ାଯାଇଛେ । ଇଥିର୍ଲାଗି ଆଏବା ଜୁନ୍ ୩୦ ତାରିଖ୍ତକ୍ ଆବେଦନ୍ କରାଯାଇପାର୍ବା । ଆଘୋନୁ ଇଟା ଗଲା ୩୦ ତାରିଖ୍ତକ୍ ଥିଲା । କଲାକାର୍ମାନେ ନିଜର୍ ନିଜର୍ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ନ ଇ ବାବ୍ଦେ ଆବେଦନ୍ କରିପାର୍ବେ ବଲି କୁହାଯାଇଛେ ।

ବିଚାର୍ପତି ବଦ୍ଲି ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଥିବା ଜିଲ୍ଲା କେଡ଼ର୍ର ୭୩ ଝନ୍ ବିଚାର୍ପତିଙ୍କର୍ ବଦ୍ଲି କରାଯାଇଛେ । ହାଇକୋର୍ଟ ତର୍ଫୁ ଇ ବାବ୍ଦେ ନିର୍ଦ୍ଦେଶ୍ନାମା ବାହାରିଛେ ।

ଆନ୍ତର୍ଜାତୀୟ ସଂଗ୍ରହାଲୟ ଦିବସ          ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ଆନ୍ତର୍ଜାତୀୟ ସଂଗ୍ରହାଲୟ ଦିବସ୍ । ସଂଗ୍ରହାଲୟ ହେଉଛେ ସାଂସ୍କୃତିକ ବିନିମୟ, ସଂସ୍କୃତିର୍ ସମୃଦ୍ଧି, ଆପୋଷ ବୁଝାମଣାର ବିକାଶ୍, ଲୁକଙ୍କର୍ ଭିତ୍‌ରେ ସହଯୋଗ୍ ଆଉ ଶାନ୍ତି ପ୍ରତିଷ୍ଠା ଲାଗି ଗୁଟେ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ୍ । ଇ ବାବ୍‌ଦେ ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ଇଂଟରନେସ୍‌ନାଲ୍ କାଉନ୍‌ସିଲ୍ ଅଫ୍ ମ୍ୟୁଜିୟମ୍ ୧୯୭୭ ମସିହାନୁ ଫି ବଛର୍ ମେ ୧୮ ତାରିଖ୍ ଦିନ ଆନ୍ତର୍ଜାତୀୟ ସଂଗ୍ରହାଲୟ ଦିବସ୍ ପାଲନ୍ କରୁଛେ । ଇ ବଛରର୍ ବାର୍ତା ହେଉଛେ 'ଶିକ୍ଷା ଆଉ ଅନୁସନ୍ଧାନ୍ ଲାଗି ସଂଗ୍ରହାଲୟ' ।

ପାଣିପାଗ          ଆର୍‌ଏନ୍‌ୟୁ /  ସମ୍ବଲପୁର

ଦକ୍ଷିଣ ପୂର୍ବ ବଙ୍ଗୋପ୍‌ସାଗର୍ ଆଉ ଉତର୍ ଆଣ୍ଡାମାନ୍ ସାଗର୍ ନ ଆଏବା ୨୦ ତାରିଖ୍ ଆଡ଼େ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର୍ ସମ୍ଭାବନା ରହିଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ ।